# ଦ୍ୱିତୀୟ ପାଠ
# ପ୍ରାକୃତିକ ବିଭାଗ

## ଭୌତିକ ଲକ୍ଷଣ :

ଭାରତର ବିଭିନ୍ନ ଭାଗରେ ଭିନ୍ନଭିନ୍ନ ପ୍ରକାରର ଭୂ-ରୂପ ଦେଖାଯାଏ ଯଥା : ପର୍ବତ, ମାଳଭୂମି, ସମତଳ ଭୂମି, ମରୁଭୂମି ଏବଂ ଦ୍ୱୀପପୁଞ୍ଜ ଆଦି । ଏ ସମସ୍ତ ଭୂମିରୂପ କେବଳ ଅବକ୍ଷୟ ଓ ଅବକ୍ଷେପଣ ପ୍ରକ୍ରିୟା ଦ୍ୱାରା ସମ୍ଭବ ହୋଇନାହିଁ । କେତେକ ଭୂ-ରୂପ ଭୂ-ଅଭ୍ୟନ୍ତରରେ ଆଲୋଡ଼ନ ହେବାଦ୍ୱାରା ସୃଷ୍ଟି ହୋଇଛନ୍ତି । ଭାରତୀୟ ଉପ-ମହାଦେଶର ବର୍ତ୍ତମାନ ଭୂରୂପ କିଭଳି ଆଜିର ଅବସ୍ଥାକୁ ଆସିଛି ସେ ସମ୍ବନ୍ଧରେ ଜାଣିବାକୁ ହେଲେ ଭୂତ୍ୱକର ଶିଳା ଓ ଏହାର ସୃଷ୍ଟି ଏବଂ ସଂରଚନା ବିଷୟରେ ଅଧ୍ୟୟନ କରିବାକୁ ହେବ । ଏ ବିଷୟରେ ଅଧ୍ୟୟନ କରୁଥିବା ବିଜ୍ଞାନକୁ ଭୂ-ବିଜ୍ଞାନ (Geology) କୁହାଯାଏ ଏବଂ ଏଥିରେ ସଂପୃକ୍ତ ବୈଜ୍ଞାନିକମାନଙ୍କୁ ଭୂ-ବିଜ୍ଞାନୀ (Geologist) କୁହାଯାଏ ।

ଭୂ-ବିଜ୍ଞାନୀମାନଙ୍କ ମତରେ ପ୍ରାୟ ୩୦୦ ନିୟୁତ ବର୍ଷ ପୂର୍ବେ ଆଜିର ସାତଟି ମହାଦେଶ ପରସ୍ପର ସହ ସଂଲଗ୍ନ ଥିଲେ ଏବଂ ସେହି ବିଶାଳ ମହାଦେଶର ନାମଥିଲା **ପାଞ୍ଜିଆ** । ଏହାର ଉତ୍ତରାଂଶକୁ **ଲରେସିଆ** (Laurasia) ବା ଆଙ୍ଗାରାଲାଣ୍ଡ ଏବଂ ଦକ୍ଷିଣଭାଗକୁ ଗଣ୍ଡୱାନାଲ୍ୟାଣ୍ଡ କୁହାଯାଉଥିଲା । ଉତ୍ତର ଆମେରିକା, ଗ୍ରୀନ୍‌ଲ୍ୟାଣ୍ଡ, ଇଉରୋପ ଏବଂ ହିମାଳୟ ପର୍ବତର ଉତ୍ତରସ୍ଥ ଏସିଆର ଅଧିକାଂଶ ଭାଗକୁ ନେଇ ଆଙ୍ଗାରାଲାଣ୍ଡ ଗଠିତ ହୋଇଥିଲା । ଦକ୍ଷିଣ ଆମେରିକା, ଆଫ୍ରିକା, ମାଲାଗାସୀ, ଆରବ ଏବଂ ଉପଦ୍ୱୀପୀୟ ଭାରତ, ଅଷ୍ଟ୍ରେଲିଆ ଓ ଆଣ୍ଟାର୍କଟିକା ଗଣ୍ଡୱାନାଲ୍ୟାଣ୍ଡର ଅନ୍ତର୍ଭୁକ୍ତ ଥିଲେ । ପରବର୍ତ୍ତୀ ସମୟରେ ପାଞ୍ଜିଆ ଖଣ୍ଡବିଖଣ୍ଡ ହେଲା ଓ ବିଖଣ୍ଡିତ ଭାଗଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇଯିବାରୁ ଆଜିର ମହାଦେଶ ଓ ମହାସାଗର ଗୁଡ଼ିକ ସୃଷ୍ଟି ହୋଇଅଛି । ଏହାକୁ ମହାଦେଶୀୟ ସଂଚଳନବାଦ (continental drift theory) କୁହାଯାଏ ।


ଭୂବିଜ୍ଞାନୀମାନଙ୍କ ମତାନୁସାରେ ଆଜି ଯେଉଁଠି ସୁଉଚ୍ଚ ହିମାଳୟ ପର୍ବତ ଓ ଉତ୍ତରଭାରତର ବିସ୍ତୃତ ସମତଳଭୂମି ଅଛି ସେଠାରେ ଏକଦା ଟେଥିସ୍ (Tethys) ନାମକ ଏକ ଅଗଭୀର ସମୁଦ୍ର ଥିଲା । ଏହି ସମୁଦ୍ରର ଉତ୍ତରରେ ସେ ସମୟର ଆଙ୍ଗାରାଲାଣ୍ଡ ଓ ଦକ୍ଷିଣରେ ଗଣ୍ଡୱାନା ନାମକ ଭୂଖଣ୍ଡ ଥିଲା । ପରବର୍ତ୍ତୀ କାଳରେ ଗଣ୍ଡୱାନାଲାଣ୍ଡ ଧିରେ ଧିରେ ଉତ୍ତର ଆଡ଼କୁ ଗତିକରିବାରୁ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ଓ ଏହା ଭାରତ ମହାସାଗରର ରୂପ ନେଲା । ଏହି ଦକ୍ଷିଣ ଉପଦ୍ୱୀପ କ୍ରମଶଃ ଉତ୍ତର ଆଡ଼କୁ ଗତି କରିବାରୁ ଟେଥିସ୍ ସାଗରରେ ସଞ୍ଚିତ ପଟୁମାଟି ସଙ୍କୁଚିତ ହୋଇ ସେଥିରେ ଭାଙ୍ଗ ସୃଷ୍ଟି ହେବାରୁ ଆଜିର ହିମାଳୟ ପର୍ବତମାଳା ସୃଷ୍ଟି ହେଲା । ତେଣୁ ହିମାଳୟ ପର୍ବତମାଳାକୁ ତରୁଣ ଭଙ୍ଗିଳ ପର୍ବତମାଳା କୁହାଯାଏ । ଏହି ପ୍ରକ୍ରିୟା ଲକ୍ଷଲକ୍ଷ ବର୍ଷଧରି ଚାଲିବାରୁ ଓ ଏବେବି ଅବ୍ୟାହତ ଥିବାରୁ ହିମାଳୟ ପର୍ବତଶ୍ରେଣୀ ଅଧିକରୁ ଅଧିକ ଉଚ୍ଚ ହେଉଅଛି ।

**ପ୍ଲେଟ୍ ଟେକ୍‌ଟୋନିକ୍‌ସ (Plate Tectonics) :** ମହାଦେଶୀୟ ସଂଚଳନବାଦ ମହାଦେଶୀୟ ଭୂଖଣ୍ଡଗୁଡ଼ିକର ମନ୍ଥର ଗତି ଯୋଗୁଁ ହିଁ ସମ୍ଭବ ହୋଇଛି । ମାତ୍ର ଏତେ ବିଶାଳ ଭୂଖଣ୍ଡ ଗୁଡ଼ିକର ସଞ୍ଚଳନ ପାଇଁ ଆବଶ୍ୟକ ବଳ ଆସିଲା କେଉଁଠୁ ? ସେ ସମୟରେ ଏହାର କୌଣସି ଯୁକ୍ତିଯୁକ୍ତ ଉତ୍ତର ନଥିଲା । ତେଣୁ ବହୁବର୍ଷଧରି ମହାଦେଶୀୟ ସଞ୍ଚଳନବାଦକୁ ମାନ୍ୟତା ମିଳିନଥିଲା । ମାତ୍ର ପ୍ଲେଟ ଟେକ୍‌ଟୋନିକସ୍ (Plate tectonics) ବା ପ୍ଲେଟ୍ ସଞ୍ଚଳନ ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି ବୈଜ୍ଞାନିକମାନଙ୍କର ହୃଦବୋଧ ହୋଇଛି ।

ପ୍ଲେଟ୍ ସଂଚଳନ ମତବାଦ ଅନୁସାରେ ଭୂତ୍ୱକ୍ ସାତଟି ବୃହତ୍ ଓ ୨୦ଟି କ୍ଷୁଦ୍ର ପ୍ଲେଟରେ ବିଭାଜିତ ହୋଇଅଛି । ଏହି ସାତଟି ବୃହତ୍ ପ୍ଲେଟଗୁଡ଼ିକ ହେଲା :


**(କ) ୟୁରେସିଆ ପ୍ଲେଟ୍ (ଖ) ଭାରତ-ଅଷ୍ଟ୍ରେଲିଆ ପ୍ଲେଟ୍ (ଗ) ଉତ୍ତର ଆମେରିକା ପ୍ଲେଟ୍ (ଘ) ଦକ୍ଷିଣ ଆମେରିକା ପ୍ଲେଟ୍ (ଙ) ପ୍ରଶାନ୍ତ ମହାସାଗରୀୟ ପ୍ଲେଟ୍ (ଚ) ଆଫ୍ରିକୀୟ ପ୍ଲେଟ୍ (ଛ) ଆଣ୍ଟାର୍କଟିକା ପ୍ଲେଟ୍ ।**

ପୃଥିବୀର ଅଭ୍ୟନ୍ତରରେ ଥିବା ତାପ ଏହି ପ୍ଲେଟଗୁଡ଼ିକର ଗତିପାଇଁ ଦାୟୀ । ଭୂଅଭ୍ୟନ୍ତରରେ ଆଣବିକ ଅବକ୍ଷୟ (Radioactive decay) ଦ୍ୱାରା ସୃଷ୍ଟି ହେଉଥିବା ତାପ ବାହାରକୁ ଆସିପାରେ ନାହିଁ କାରଣ ଶିଳାଗୁଡ଼ିକ ତାପ କୁପରିବାହୀ । ତେଣୁ ଏହି ତାପ ଶିଳାକୁ ତରଳାଇ ଦିଏ ଏବଂ ପରିଚଳନ ପ୍ରକ୍ରିୟା ସୃଷ୍ଟିକରେ । ଏହି ପ୍ରକ୍ରିୟା ଶିଳାକୁ ଗତି ପ୍ରଦାନ କରେ । ଏହି ଗତି ଦୁଇପ୍ରକାର- ଗୋଟିଏ




ମାନଚିତ୍ର : 1:4

**ପରସ୍ପର ମୁଖୀ** (convergent) ଓ ଅନ୍ୟଟି **ବିପରୀତ ମୁଖୀ** (Divergent) ପରସ୍ପର ମୁଖୀ ଗତିଯୋଗୁ ଦୁଇଟି ପ୍ଲେଟ୍ ଭିନ୍ନଦିଗରୁ ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି । ଫଳରେ ଦୁହିଁଙ୍କ ମଧ୍ୟରେ ଧକ୍କା କିମ୍ବା ଗୋଟିଏ ଅନ୍ୟ ଉପରେ କିମ୍ବା ତଳେ ଚାଲିଯାଏ । ମାତ୍ର ବିପରୀତମୁଖୀ ଗତିଯୋଗୁ ପ୍ଲେଟଗୁଡ଼ିକ ପରସ୍ପରଠାରୁ ଦୂରେଇ ଯାଆନ୍ତି ଓ ବିପରୀତ ଦିଗରେ ଗତି କରନ୍ତି । ଏହି ଦୁଇପ୍ରକାର ଗତି ପ୍ରାୟ ଏକ ସମୟରେ ହିଁ ହେଉଥାଏ । ପ୍ଲେଟଗୁଡ଼ିକ ପରସ୍ପରକୁ ସ୍ପର୍ଶ ନକରି ଦୂରେଇ ଯାଇପାରନ୍ତି । ଦୁଇଟି ପ୍ଲେଟ୍ ମଧ୍ୟରେ ଧକ୍କା ହେଲେ ସେମାନଙ୍କ ମଧ୍ୟରେ ଥିବା ଭୂଭାଗରେ ଭାଙ୍ଗ ସୃଷ୍ଟି ହୁଏ । ମାତ୍ର ବିପରୀତ ମୁଖୀ ହେଲେ ଫାଟ (fault) ସୃଷ୍ଟି ହୁଏ । ଏହି ଭାଙ୍ଗ ଓ ଫାଟ ପୃଥିବୀ ପୃଷ୍ଠରେ ଅଧିକାଂଶ ଭୂରୂପ ସୃଷ୍ଟି କରିଥାଏ । ଭାରତର ଭୂ-ରୂପ ମଧ୍ୟ ଏହିଭଳି ଭୂଅଭ୍ୟନ୍ତରରେ ଆଲୋଡ଼ନ ଫଳରେ ଏବଂ ଭୂପୃଷ୍ଠସ୍ଥ କ୍ଷୟକାରୀ ଶକ୍ତିଗୁଡ଼ିକ ଦ୍ୱାରା ସୃଷ୍ଟି ହୋଇଅଛି ।




ଚିତ୍ର : 2 ପ୍ଲେଟ୍ ଚଳନ



PB-03/15/11/2016

## ପ୍ରାକୃତିକ ବିଭାଗ/ଭୌତିକ ବିଭାଗ
## (Physiographic Units) :

ଭୌତିକ ବିଭାଗଗୁଡ଼ିକ ଶିଳାର ଗଠନ ଦ୍ୱାରା ପ୍ରଭାବିତ ହେଲେ ମଧ୍ୟ ଏହାକୁ ଆଧାରକରି ବିଭାଜନ କରାଯାଇନଥାଏ । ଏହା ସାଧାରଣତଃ ଭୂ-ପୃଷ୍ଠର ଉଚ୍ଚାବଚ (Relief), ଢାଲୁ (Slope) ଓ ଅନ୍ୟାନ୍ୟ ଭୂମିରୂପ (Landform) ଅନୁସାରେ ହୋଇଥାଏ । ପ୍ରତ୍ୟେକ ଭୌତିକ ବିଭାଗର ଭୂ-ତାତ୍ତ୍ୱିକ ପ୍ରକୃତି (Geological Structure) ସମାନ କିମ୍ବା ଭିନ୍ନଭିନ୍ନ ହୋଇଥାଏ । ଭାରତର ଭୂ-ପ୍ରକୃତିରେ ଅନେକ ଭିନ୍ନତା ଦେଖାଯାଏ । ଦେଶର ବିଭିନ୍ନ ଅଞ୍ଚଳରେ ସୁଉଚ୍ଚ ପର୍ବତମାଳା, ଗଭୀର ଉପତ୍ୟକା, ବିସ୍ତୃତ ସମତଳଭୂମି, ପ୍ରଶସ୍ତ ମାଳଭୂମି, ଘନଅରଣ୍ୟ ଏବଂ ଅସଂଖ୍ୟ ଦ୍ୱୀପ ଦେଖିବାକୁ ମିଳେ ।

ଭୂମିରୂପ, ଢାଲୁ ଏବଂ ଉଚ୍ଚତା ଭିତ୍ତିରେ ଭାରତକୁ ମୁଖ୍ୟତଃ ଛଅଗୋଟି ଭୌତିକ ବିଭାଗରେ ବିଭାଜନ କରାଯାଇଥାଏ । ଯଥା : **(କ) ଉତ୍ତରସ୍ଥ ପର୍ବତମାଳା (ଖ) ଉତ୍ତରସ୍ଥ ବିଶାଳ ସମତଳ ଭୂମି (ଗ) ଉପଦ୍ୱୀପୀୟ ମାଳଭୂମି (ଘ) ଭାରତୀୟ ବିଶାଳ ମରୁଭୂମି ଅଞ୍ଚଳ (ଙ) ଉପକୂଳବର୍ତ୍ତୀ ସମତଳ ଭୂମି । (ଚ) ଦ୍ୱୀପପୁଞ୍ଜ ।**

**(କ) ଉତ୍ତରସ୍ଥ ପର୍ବତମାଳା-** ଭାରତର ଭୌତିକ ମାନଚିତ୍ରକୁ ଲକ୍ଷ୍ୟକର (1.6) । ତୁମେ ଦେଖିବାକୁ ପାଇବ ଯେ, ଅନେକଗୁଡ଼ିଏ ପର୍ବତଶ୍ରେଣୀ ଆମଦେଶର ଉତ୍ତର ସୀମାରେ ଲମ୍ବିରହିଛି । ଏହା ପଶ୍ଚିମରେ ପାମିର ମାଳଭୂମିଠାରୁ ପୂର୍ବଦିଗରେ ଭାରତ ଓ ମିଆଁମାର ସୀମା ପର୍ଯ୍ୟନ୍ତ ପ୍ରାୟ ଅବିଚ୍ଛିନ୍ନ ଭାବେ ବିସ୍ତାରଲାଭ କରିଛି ।

ଏହାର ଆକାର ଏକ ଚାପ ସଦୃଶ ଏବଂ ଦୈର୍ଘ୍ୟ ପ୍ରାୟ ୩୬୦୦କି.ମି. । ଉକ୍ତ ପର୍ବତମାଳାର ପ୍ରସ୍ଥ ସ୍ଥଳ ବିଶେଷରେ (ଅରୁଣାଚଳ ପ୍ରଦେଶରେ) ୧୫୦ କି.ମି.ରୁ ୪୦୦ କି.ମି. (କାଶ୍ମୀରରେ) ହୋଇଥାଏ । ପାମିର ମାଳଭୂମିଠାରୁ କାଶ୍ମୀର ଅନ୍ତର୍ଗତ ସିନ୍ଧୁନଦୀପର୍ଯ୍ୟନ୍ତ ଲମ୍ବିଥିବା ପର୍ବତମାଳାକୁ କାରାକୋରମ ପର୍ବତଶ୍ରେଣୀ ଓ ସିନ୍ଧୁନଦୀ ଏବଂ ବ୍ରହ୍ମପୁତ୍ର ନଦୀ ମଧ୍ୟରେ ଲମ୍ବିଥିବା ପର୍ବତମାଳାକୁ ହିମାଳୟ ପର୍ବତଶ୍ରେଣୀ କୁହାଯାଏ । ହିମାଳୟର ଅର୍ଥ ହିମ + ଆଳୟ । ହିମ କହିଲେ ବରଫ ଓ ଆଳୟ ଘରକୁ ବୁଝାଏ । ତେଣୁ ହିମାଳୟର ଅର୍ଥ 'ବରଫର ଘର' ।

କାରାକୋରମ ପର୍ବତଶ୍ରେଣୀରେ ପୃଥିବୀର ସୁଦୀର୍ଘ ହିମବାହଗୁଡ଼ିକ ମଧ୍ୟରୁ କେତେକ ପ୍ରବାହିତ ହେଉଛନ୍ତି । *ବାଲଟୋରା* ଏବଂ *ସିଆଚିନ୍* ଏଥିମଧ୍ୟରୁ ଦୁଇଟି ହିମବାହ । ସିଆଚିନ୍ ହିମବାହର ଦୈର୍ଘ୍ୟ ପ୍ରାୟ ୭୫ କି.ମି. । ପୃଥିବୀର ଦ୍ୱିତୀୟ ସର୍ବୋଚ୍ଚ ଶୃଙ୍ଗ $K_2$ (ଗଡ଼ଉଇନ୍ ଅଷ୍ଟିନ୍) । ଏହା କାରାକୋରମ୍ ପର୍ବତଶ୍ରେଣୀରେ ଅବସ୍ଥିତ ।

> ***ତୁମେ ଜାଣିଛ କି ?***
>
> *ଗତିଶୀଳ ବରଫ ରାଶିକୁ ହିମବାହ କୁହାଯାଏ ।*

ହିମାଳୟ ପର୍ବତଶ୍ରେଣୀକୁ ତରୁଣ ଭଙ୍ଗିଳ ପର୍ବତଶ୍ରେଣୀ କୁହାଯାଏ କାରଣ ଏହି ପର୍ବତଶ୍ରେଣୀର ଗଠନ ଭୂ-ତାତ୍ତ୍ୱିକ ଦୃଷ୍ଟିରୁ ୨୦ରୁ-୩୦ ନିୟୁତ ବର୍ଷ ପୂର୍ବେ ହୋଇଅଛି । ତୁମେ ଏ ବିଷୟରେ ପୂର୍ବରୁ ପଢ଼ିଛ । ଏହାର ଗଠନ ପ୍ରକ୍ରିୟା ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ସଂଘଠିତ ହୋଇଥିଲା । ତେଣୁ ହିମାଳୟ ପର୍ବତରେ ଦକ୍ଷିଣରୁ ଉତ୍ତରକୁ ସମାନ୍ତର ଭାବରେ ତିନିଗୋଟି ପର୍ବତଶ୍ରେଣୀ ଦେଖିବାକୁ ମିଳେ । ପର୍ବତଶ୍ରେଣୀଗୁଡ଼ିକର ଉଚ୍ଚତା ଦକ୍ଷିଣରୁ ଉତ୍ତରକୁ କ୍ରମଶଃ ବୃଦ୍ଧି ପାଇଛି ।


ଏଥିମଧ୍ୟରୁ ସବୁଠାରୁ ଦକ୍ଷିଣରେ ଥିବା ପର୍ବତଶ୍ରେଣୀକୁ **ସିୱାଲିକ** ବା **ବାହ୍ୟ ହିମାଳୟ** କୁହାଯାଏ । ଏହାର ଉଚ୍ଚତା ମଧ୍ୟ ସବୁଠାରୁ କମ୍ । ସମୁଦ୍ର ପତ୍ତନରୁ ସିୱାଲିକର ହାରାହାରି ଉଚ୍ଚତା ୧୦୦୦ରୁ ୧୨୦୦ ମିଟର ମଧ୍ୟରେ । ସିୱାଲିକ୍ ଗୋଡ଼ିମାଟି, କର୍ଦ୍ଦମ ଓ ପରସ୍ପର ସହିତ ବାନ୍ଧିହୋଇନଥିବା ଶିଳାଭଳି ପଦାର୍ଥରେ ଗଠିତ । ଏହା ନିରବଚ୍ଛିନ୍ନ ନୁହେଁ । ପୂର୍ବଦିଗରେ ଏହା ଅନ୍ୟାନ୍ୟ ପର୍ବତଶ୍ରେଣୀ ସହିତ ମିଳିତ ହୋଇଛି । ଏହାର ପ୍ରସ୍ଥ ୧୦-୫୦ କି.ମି. । ଏଥିରେ ଅନେକ ସଂକୀର୍ଣ୍ଣ ଉପତ୍ୟକା ମଧ୍ୟ ଦେଖିବାକୁ ମିଳେ । ସେଗୁଡ଼ିକୁ ଡୁନ୍ (Doon) କୁହାଯାଏ । ଡେରାଡୁନ୍ ଏହିଭଳି ଏକ ଉପତ୍ୟକାରେ ଅବସ୍ଥିତ । କୋଟଲିଡୁନ୍, ପାଟ୍‌ଲିଡୁନ୍ ଆଦି ଅନ୍ୟ ଦୁଇଟି ସ୍ଥାନ ମଧ୍ୟ ଏହାର ଅନ୍ତର୍ଗତ ।

ସିୱାଲିକ୍‌ର ଠିକ୍ ଉତ୍ତରକୁ ଅବସ୍ଥିତ ପର୍ବତଶ୍ରେଣୀର ନାମ **ମଧ୍ୟ ହିମାଳୟ ବା ହିମାଚଳ** । ଏହାର ହାରାହାରି

ଉଚ୍ଚତା ସମୁଦ୍ରପତ୍ତନରୁ ୪୦୦୦-୪୫୦୦ ମିଟର ଏବଂ ପ୍ରସ୍ଥ ପ୍ରାୟ ୮୦ କି.ମି. । ହିମାଚଳର ଢାଲୁରେ ଅରଣ୍ୟ ଓ ଅନେକ ଚାରଣଭୂମି ଅବସ୍ଥିତ । ଝରଣା, ଜଳପ୍ରପାତ ଓ ଅସଂଖ୍ୟ ଛୋଟଛୋଟ ନଦୀ ଏହାର ସଂକୀର୍ଣ୍ଣ ଉପତ୍ୟକାରେ ପ୍ରବାହିତ ହୋଇ ଅତ୍ୟନ୍ତ ସୁନ୍ଦର ଓ ମନୋରମ ଦୃଶ୍ୟ ସୃଷ୍ଟି କରିଛନ୍ତି । ହିମାଚଳର ଶୀତଳ ଜଳବାୟୁ ଓ ମନମୁଗ୍ଧକର ପ୍ରାକୃତିକ ଦୃଶ୍ୟାବଳୀ ଯୋଗୁ ଏହା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରେ । କାଶ୍ମୀର ଉପତ୍ୟକା, କାଙ୍ଗ୍ରା ଓ କୁଲୁ ଉପତ୍ୟକା ହିମାଚଳର ଅଂଶବିଶେଷ । ଡେଲହାଉସୀ, ଧର୍ମଶାଳା, ସିମଳା, ମଶୌରୀ, ନୈନିତାଲ ଓ ଦାର୍ଜିଲିଂ ଆଦି ପାର୍ବତୀୟ ସହର ଏହାର ଅନ୍ତର୍ଗତ । ଭାରତର ଭୌତିକ ମାନଚିତ୍ରରୁ ସେଗୁଡ଼ିକ କେଉଁ ରାଜ୍ୟଗୁଡ଼ିକରେ ଅବସ୍ଥିତ ବାହାର କର । ପିରପାଞ୍ଜାଲ, ଧଉଳାଧର ଏବଂ ମହାଭାରତ ପର୍ବତଶ୍ରେଣୀ ହିମାଚଳର ମୁଖ୍ୟ ପର୍ବତଶ୍ରେଣୀ ।


ହିମାଚଳର ଉତ୍ତରକୁ **ହିମାଦ୍ରୀ** ଅବସ୍ଥିତ । ହିମାଦ୍ରୀ ହିମାଳୟର ସର୍ବୋଚ୍ଚ ପର୍ବତଶ୍ରେଣୀ । ଏହାକୁ ସର୍ବୋଚ୍ଚ ହିମାଳୟ ମଧ୍ୟ କୁହାଯାଏ । ହିମାଦ୍ରୀର ହାରାହାରି ଉଚ୍ଚତା ୬୦୦୦ମିଟରରୁ ଅଧିକ । ପୃଥିବୀର ଅନେକ ଅତ୍ୟୁଚ୍ଚ ପର୍ବତ ଶୃଙ୍ଗ ହିମାଦ୍ରୀରେ ଅବସ୍ଥିତ । ତନ୍ମଧ୍ୟରୁ କେତେକ ୮୦୦୦ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ଅଟନ୍ତି । ନେପାଳ ଅନ୍ତର୍ଗତ ହିମାଳୟରେ ଅବସ୍ଥିତ ଏଭରେଷ୍ଟ ଶୃଙ୍ଗ (୮୮୪୮ ମିଟର) ପୃଥିବୀର ସର୍ବୋଚ୍ଚ ଶୃଙ୍ଗ । ସିକିମ୍‌ରେ ଅବସ୍ଥିତ କାଞ୍ଚନଜଙ୍ଘା (୮୫୯୮ ମିଟର) ହିମାଳୟ ପର୍ବତଶ୍ରେଣୀରେ ଅବସ୍ଥିତ ଭାରତର ସର୍ବୋଚ୍ଚ ପର୍ବତଶୃଙ୍ଗ । ନଙ୍ଗାପର୍ବତ (୮୨୯୬ ମିଟର), ଅନ୍ନପୂର୍ଣ୍ଣା (୮୦୭୮ମିଟର), ନନ୍ଦାଦେବୀ (୭୮୧୭ ମିଟର) ଏହି ପର୍ବତଶ୍ରେଣୀରେ ଅବସ୍ଥିତ । ଅଧିକାଂଶ ଶୃଙ୍ଗ ବର୍ଷସାରା ବରଫାବୃତ ରହନ୍ତି ।

ହିମାଳୟର ଉତ୍ତର-ଦକ୍ଷିଣ ବିସ୍ତୃତି ଅନୁସାରେ ବିଭାଜନ ବ୍ୟତୀତ ବିଭିନ୍ନ ଅଞ୍ଚଳରେ ଏହାର ଅବସ୍ଥିତିକୁ




ମାନଚିତ୍ର : 1:5

ନେଇ ପଶ୍ଚିମରୁ ପୂର୍ବକୁ ମଧ୍ୟ ବିଭକ୍ତ କରାଯାଇଥାଏ । ଏହି ବିଭାଜନଗୁଡ଼ିକ ଦୁଇଟି ଲେଖାଏଁ ନଦୀ ଉପତ୍ୟକା ଦ୍ୱାରା ସୀମାବଦ୍ଧ । ଉଦାହରଣ ସ୍ୱରୂପ ସିନ୍ଧୁନଦୀ ଓ ସତଲେଜ୍ ନଦୀ ମଧ୍ୟବର୍ତ୍ତୀ ହିମାଳୟକୁ ପରମ୍ପରା ଅନୁସାରେ **ପଞ୍ଜାବ ହିମାଳୟ** କୁହାଯାଉଥିଲେ ମଧ୍ୟ ପଶ୍ଚିମରୁ ପୂର୍ବକୁ ତାହାକୁ **କାଶ୍ମୀର ହିମାଳୟ** ଓ **ହିମାଚଳ ହିମାଳୟ** କୁହାଯାଏ । ସତଲେଜ୍ ଓ କାଳୀ ନଦୀ ମଧ୍ୟରେ ଥିବା ହିମାଳୟର ଅଂଶକୁ **କୁମାୟୁନ ହିମାଳୟ,** କାଳୀ ଓ ତିସ୍ତା ନଦୀ ମଧ୍ୟସ୍ଥ ଭାଗକୁ




ମାନଚିତ୍ର : 1:6

**ନେପାଳ ହିମାଳୟ** ଓ ତିସ୍ତା ଏବଂ ଦିହାଙ୍ଗ୍ ନଦୀ ମଧ୍ୟବର୍ତ୍ତୀ ହିମାଳୟକୁ **ଆସାମ ହିମାଳୟ** ବୋଲି କୁହାଯାଏ । ଏଗୁଡ଼ିକ ହିମାଳୟର ଆଞ୍ଚଳିକ ନାମର କେତୋଟି ।

ବ୍ରହ୍ମପୁତ୍ର ନଦୀ ହିମାଳୟର ପୂର୍ବ ସୀମା ନିର୍ଦ୍ଧାରଣ କରେ । ଦିହାଙ୍ଗ୍ ନଦୀ ଖାତ ପରେ ପରେ ହିମାଳୟ ହଠାତ୍ ଦକ୍ଷିଣକୁ ବାଙ୍କିଯାଇଛି ଏବଂ ଭାରତର ପୂର୍ବସୀମା ନିର୍ଦ୍ଧାରଣ କରୁଅଛି । ଏହାକୁ **ପୂର୍ବାଚଳ** କୁହାଯାଏ । ପାତକୋଇବମ୍, ନାଗାପର୍ବତ, ମଧ୍ୟବର୍ତ୍ତୀ ଗାରୋ, ଖାସି ଓ ଜୟନ୍ତିଆ ତଥା ଦକ୍ଷିଣରେ **ମିଜୋ** ଏବଂ **ଲୁସାଇ** ପର୍ବତଗୁଡ଼ିକ ପୂର୍ବାଚଳର ଅନ୍ତର୍ଗତ ।

ଉତ୍ତରସ୍ଥ ପର୍ବତ ଶ୍ରେଣୀଗୁଡ଼ିକ ଖୁବ୍ ଉଚ୍ଚ ହେଲେ ମଧ୍ୟ ଏଗୁଡ଼ିକ ମନୁଷ୍ୟପାଇଁ ଅଲଘନୀୟ ନୁହେଁ । ଏହି ପର୍ବତଶ୍ରେଣୀର ମଧ୍ୟେ ମଧ୍ୟେ ଏପରି ନୀଚ ଜାଗା ଅଛି ଯାହା ମଧ୍ୟଦେଇ ପର୍ବତ ପାରିହେବା ସମ୍ଭବ ହୋଇଥାଏ । ଏଗୁଡ଼ିକ ପ୍ରାକୃତିକ ମାର୍ଗର କାମ କରିଥାନ୍ତି । ଏଗୁଡ଼ିକୁ **ଗିରିପଥ** କୁହାଯାଏ । ଏଭଳି ଗିରିପଥଗୁଡ଼ିକ ମଧ୍ୟରେ କାରାକୋରମ ଗିରିପଥ (କାରାକୋରମ ପର୍ବତଶ୍ରେଣୀ, ଜାମ୍ମୁ ଓ କାଶ୍ମୀର), ଯୋଜିଲା ଗିରିପଥ (ଜାମ୍ମୁ ଓ କାଶ୍ମୀର ହିମାଳୟ) ସିପ୍‌କିଲା (ହିମାଚଳ ପ୍ରଦେଶ), ନାଥୁଲା (ହିମାଦ୍ରୀ, ସିକିମ୍) ବୋମଡିଲା (ହିମାଦ୍ରୀ, ଅରୁଣାଚଳ ପ୍ରଦେଶ) ଇତ୍ୟାଦି ଆମଦେଶର ପ୍ରଧାନ ପ୍ରଧାନ ଗିରିପଥ ।

**(ଖ) ଉତ୍ତରସ୍ଥ ବିଶାଳ ସମତଳଭୂମି :** ଉତ୍ତରସ୍ଥ ସମତଳଭୂମି ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀତ୍ରୟ ଦ୍ୱାରା ଗଠିତ । ହିମାଳୟ ପର୍ବତମାଳାର ଦକ୍ଷିଣକୁ ପଶ୍ଚିମରେ ସତଲେଜ୍ ନଦୀଠାରୁ ପୂର୍ବରେ ବ୍ରହ୍ମପୁତ୍ର ନଦୀ ପର୍ଯ୍ୟନ୍ତ ଏକ ବିଶାଳ ସମତଳ ଭୂମି ରହିଛି । ଏହାର ଦୈର୍ଘ୍ୟ ପ୍ରାୟ ୨୫୦୦ କି.ମି. । ନିୟୁତ ନିୟୁତ ବର୍ଷଧରି ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଓ ଏଗୁଡ଼ିକର ଉପନଦୀମାନଙ୍କଦ୍ୱାରା ଆନୀତ ପଟୁମାଟି ଦ୍ୱାରା ଏହି ଉର୍ବର ମୃତ୍ତିକା ବିଶିଷ୍ଟ ସମତଳଭୂମି ଗଠିତ ହୋଇଅଛି । ଏହି ଜନାକୀର୍ଣ୍ଣ ସମତଳଭୂମିର କ୍ଷେତ୍ରଫଳ ପ୍ରାୟ ୭ ଲକ୍ଷ ବର୍ଗ କି.ମି. ଓ ପ୍ରସ୍ଥ ପ୍ରାୟ ୨୪୦ କି.ମି.ରୁ ୩୨୦ କି.ମି. । ଉର୍ବର ମୃତ୍ତିକା, ଜଳସେଚନର ସୁବିଧା, ଅନୁକୂଳ ଜଳବାୟୁ ଯୋଗୁ ଏହି ସମତଳ ଭୂମି ଭାରତର ଏକ ମୁଖ୍ୟ କୃଷି ଉତ୍ପାଦନ ଅଞ୍ଚଳ ଅଟେ । ଏହା ପୃଥିବୀର ବଡ଼ ବଡ଼ ସମତଳ ଭୂମି ମଧ୍ୟରୁ ଅନ୍ୟତମ । ଉତ୍ତରସ୍ଥ ବିଶାଳ ସମତଳଭୂମି ପଶ୍ଚିମରୁ ପୂର୍ବକୁ ତିନିଭାଗରେ ବିଭକ୍ତ । ସେଗୁଡ଼ିକ ହେଲା- **ପଞ୍ଜାବ ସମତଳ ଭୂମି, ଗାଙ୍ଗେୟ ସମତଳଭୂମି ଏବଂ ବ୍ରହ୍ମପୁତ୍ର ସମତଳ ଭୂମି ।**

**ପଞ୍ଜାବ ସମତଳ ଭୂମି :**

ଏହା ମୁଖ୍ୟତଃ ପାକିସ୍ତାନରେ ପ୍ରବାହିତ ସିନ୍ଧୁନଦୀ ଅବବାହିକାର ଏକ ଅଂଶ ଅଟେ । ଏହାର ଅଧିକାଂଶ ଭାଗ ପାକିସ୍ତାନର ଅଂଶବିଶେଷ । ଭାରତରେ ଏହି ସମତଳଭୂମି ପଞ୍ଜାବ ଓ ହରିୟାଣା ରାଜ୍ୟରେ ରହିଅଛି । ସିନ୍ଧୁନଦୀର ଉପନଦୀ ମୁଖ୍ୟତଃ ଝେଲମ୍, ଚେନାବ୍, ରାବି, ବେୟାସ ଓ ସତଲେଜ୍ ନଦୀଦ୍ୱାରା ଏହା ଗଠିତ ହୋଇଅଛି । ସମତଳ ଭୂମିର ଏହି ଅଂଶରେ ଅଧିକ **'ଦୋଆବ୍'** ଦେଖାଯାଏ ।

**ତୁମେ ଜାଣିଛ କି ?**

***ଯେଉଁ ସମସ୍ତ ଅଞ୍ଚଳର ବୃଷ୍ଟିଜଳ ମୁଖ୍ୟନଦୀ ଓ ଏହାର ଉପନଦୀ ଗୁଡ଼ିକରେ ପ୍ରବାହିତ ହୋଇଥାଏ ତାହାକୁ ନଦୀର ଅବବାହିକା କୁହାଯାଏ ।***

**ତୁମେ ଜାଣିଛ କି ?**

***ଦୋଆବ୍ ଦୁଇଟି ଶବ୍ଦର ସମିଶ୍ରଣ । 'ଦୋ' ର ଅର୍ଥ ଦୁଇ ଏବଂ ଆବ୍‌ର ଅର୍ଥ 'ଜଳ' । ତେଣୁ ଦୁଇଟି ନଦୀ ମଧ୍ୟସ୍ଥ ସମତଳ ଅଞ୍ଚଳକୁ 'ଦୋଆବ୍' କୁହାଯାଏ । ସେହିଭଳି 'ପଞ୍ଜ'ର ଅର୍ଥ ପାଞ୍ଚ ଏବଂ 'ଆବ' ର ଅର୍ଥ ଜଳ । ତେଣୁ ପଞ୍ଜାବକୁ ପଞ୍ଚନଦୀର ଦେଶ ବା ଭୂଖଣ୍ଡ କୁହାଯାଏ ।***

**ଗାଙ୍ଗେୟ ସମତଳଭୂମି :** ଗାଙ୍ଗେୟ ସମତଳଭୂମି ଘାଗର ଏବଂ ତିସ୍ତା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ସୀମିତ । ଉତ୍ତର ଭାରତର ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡର କିଛିଅଂଶ ଦେଇ ପୂର୍ବରେ ପଶ୍ଚିମବଙ୍ଗ ରାଜ୍ୟରେ ବିସ୍ତୃତିଲାଭ କରିଛି । **ବ୍ରହ୍ମପୁତ୍ର ସମତଳଭୂମି** ମୁଖ୍ୟତଃ ଆସାମ ରାଜ୍ୟରେ ଅବସ୍ଥିତ ।

ଉତ୍ତର ଭାରତ ସମତଳ ଭୂମିକୁ ସାଧାରଣତଃ ଉଚ୍ଚାବଚ୍ଚ ବିହୀନ ଏକ ସମପ୍ରାୟ ଭୂମି (Flat) ବୋଲି ବର୍ଣ୍ଣନା କରାଯାଇଥାଏ । ମାତ୍ର ଏହା ସଂପୂର୍ଣ୍ଣଭାବେ ଠିକ୍ ନୁହେଁ । ହିମାଳୟ ପର୍ବତଶ୍ରେଣୀରୁ ନିମ୍ନକୁ ଗଡିକଲାବେଳେ ସିୱାଲିକ ସହ ସମାନ୍ତରାଳ ଭାବରେ ୮ - ୧୬ କି.ମି. ପ୍ରସ୍ଥ ବିଶିଷ୍ଟ ଏକ ସଂକୀର୍ଣ୍ଣ ଅଞ୍ଚଳରେ ଉପଳଖଣ୍ଡମାନ ଜମାକରେ । ଏହାକୁ **ଭାବର** କୁହାଯାଏ । ଛୋଟ ଛୋଟ ନଦୀନାଳ ଭାବରରେ ଭୂମିଗତ ହୋଇଯାଆନ୍ତି । ଏହାର ଦକ୍ଷିଣକୁ ଯେଉଁଠି ଭୂମିଗତ ଜଳପ୍ରବାହ ପୁନର୍ବାର ଭୂପୃଷ୍ଠ ଉପରେ ପରିଲକ୍ଷିତ ହୁଅନ୍ତି, ଏପରି ଏକ ସନ୍ତସନ୍ତିଆ ଅଞ୍ଚଳକୁ **'ତରାଇ'** କୁହାଯାଏ । ଏହା ଅନେକ ବନ୍ୟପ୍ରାଣୀ ବାସ କରୁଥିବା ଏକ ଘଞ୍ଚ ଅରଣ୍ୟପୂର୍ଣ୍ଣ ଅଞ୍ଚଳଥିଲା । ମାତ୍ର ଭାରତ ବିଭାଜନ ପରେ ପାକିସ୍ତାନରୁ ଆସିଥିବା ଶରାଣାର୍ଥୀମାନଙ୍କର ଥଇଥାନ ପାଇଁ ଏହି ଅରଣ୍ୟକୁ ସଫାକରି ଚାଷୋପଯୋଗୀ ଜମି ସୃଷ୍ଟି କରାଯାଇଥିଲା । ଦୁଧୁଓ୍ୱା ଜାତୀୟ ଉଦ୍ୟାନ ଏହି ଅଞ୍ଚଳରେ ଅବସ୍ଥିତ ।

ଏହି ବିଶାଳ ସମତଳ ଭୂମିର ଅଧିକାଂଶ ଅଞ୍ଚଳ ପୁରାତନ ପଟୁମାଟି ଦ୍ୱାରା ଗଠିତ । ସେଗୁଡ଼ିକ ବନ୍ୟାପ୍ଳାବନ ଅଞ୍ଚଳର ଉର୍ଦ୍ଧ୍ୱରେ ପାହାଡ ସଦୃଶ ଭୂମିରୂପ ସୃଷ୍ଟି କରିଥାଏ । ଏହିଅଂଶକୁ **'ଭାଙ୍ଗର'** କୁହାଯାଏ । ଗାଙ୍ଗେୟ ସମତଳର କେତେକ ସ୍ଥାନରେ ନଦୀଶଯ୍ୟାଠାରୁ ଅଳ୍ପଦୂରରେ ଚୂନଗୋଡ଼ି ମିଶା ମୃତ୍ତିକା ଦେଖାଯାଏ ଯାହାକୁ **'କଙ୍କର'** କୁହାଯାଏ । ବନ୍ୟାପ୍ଲାବିତ ଅଞ୍ଚଳର ନୂତନ ପଟୁମୃତ୍ତିକାକୁ **'ଖଦର'** କୁହାଯାଏ ।

ଏଭଳି ନୂତନ ପଟୁମୃତ୍ତିକା ସଞ୍ଚୟ ହେଉଥିବାରୁ ମୃତ୍ତିକା ଅତ୍ୟନ୍ତ ଉର୍ବର ଓ ସଘନକୃଷି ପାଇଁ ଉପଯୋଗୀ ହୋଇଥାଏ ।

**ତୁମେ ଜାଣିଛ କି ?**

***କୌଣସି ଏକ ଜମିରେ ରାସାୟନିକସାର, କୀଟନାଶକ ଔଷଧ ଓ ଅଧିକ ଅମଳକ୍ଷମ ବିହନ ବ୍ୟବହାର କରି ଚାଷଜମିକୁ ପଡ଼ିଆ ନରଖି ବର୍ଷକରେ ଏକାଧିକ ବାର କୃଷି କରିବାକୁ ସଘନକୃଷି କୁହାଯାଏ ।***

**(ଗ) ଉପଦ୍ୱୀପୀୟ ମାଳଭୂମି :** ଉତ୍ତରସ୍ଥ ବିଶାଳ ସମତଳ ଭୂମିର ଦକ୍ଷିଣକୁ ଅବସ୍ଥିତ ଉପଦ୍ୱୀପୀୟ ମାଳଭୂମି ସ୍ଫଟିକଯୁକ୍ତ ପୁରାତନ ଆଗ୍ନେୟ ଓ ରୂପାନ୍ତରିତ ଶିଳା ଦ୍ୱାରା ଗଠିତ । ଏହି ମାଳଭୂମି ଗଣ୍ଡୱାନାଲ୍ୟାଣ୍ଡର ବିଭାଜନ ଓ ଭୂଚଳନ ଯୋଗୁ ସୃଷ୍ଟି ହୋଇଥିବାରୁ ଏହା ଏକ ଅତିପୁରାତନ ଭୂଖଣ୍ଡର ଅଂଶବିଶେଷ । ଏହି ମାଳଭୂମିରେ ପ୍ରଶସ୍ତ ଅଗଭୀର ଉପତ୍ୟକା ଏବଂ କ୍ଷୟପ୍ରାପ୍ତ ଅଣଉଚ୍ଚ ପାହାଡ଼ମାନ ଦେଖାଯାଏ । ଉପଦ୍ୱୀପୀୟ ମାଳଭୂମିକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ **କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ** (Central highlands) ଓ ଅନ୍ୟଟି **ଦାକ୍ଷିଣାତ୍ୟ ମାଳଭୂମି** (Deccan Plateau) । ନର୍ମଦାନଦୀ ଏହି ଦୁଇଭାଗର ସୀମା ନିର୍ଦ୍ଧାରଣ କରୁଛି । ଏହାର ଉତ୍ତରକୁ କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ ଓ ଦକ୍ଷିଣରେ ଦାକ୍ଷିଣାତ୍ୟ ମାଳଭୂମି ଅବସ୍ଥିତ । ମାଲୱା ମାଳଭୂମି କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳର ଅଂଶବିଶେଷ ଓ ଏହା ପଶ୍ଚିମରେ ଅବସ୍ଥିତ । ମାଲୱା ମାଳଭୂମି ତ୍ରିଭୂଜାକାର । ଏହାର ଉତ୍ତର-ପଶ୍ଚିମରେ ଆରାବଲୀ ପର୍ବତଶ୍ରେଣୀ, ଦକ୍ଷିଣରେ ବିନ୍ଧ୍ୟପର୍ବତ ଅବସ୍ଥିତ । ମାତ୍ର ଉତ୍ତରକୁ ଏହା କ୍ରମଶଃ ଢାଲୁ ହୋଇ ଗାଙ୍ଗେୟ ସମତଳ ଭୂମି ସହିତ ମିଶିଯାଇଛି । କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ ପଶ୍ଚିମରେ ଅଧିକ ଚଉଡ଼ା ଏବଂ ପୂର୍ବରେ କମ୍ ଚଉଡା ଅଟେ । ଏହା ପଶ୍ଚିମରୁ ପୂର୍ବକୁ ଢାଲୁ ଅଟେ । ଏହି ମାଳଭୂମିର ପୂର୍ବପଟ ବିସ୍ତୃତିକୁ ଉତ୍ତରପ୍ରଦେଶର ଦକ୍ଷିଣଭାଗରେ ବୁନ୍ଦେଲଖଣ୍ଡ ଓ ବଘେଲଖଣ୍ଡ ମାଳଭୂମି କୁହାଯାଏ । ଦକ୍ଷିଣ ଝାଡ଼ଖଣ୍ଡରେ ଏହି ମାଳଭୂମିକୁ ଛୋଟନାଗପୁର ମାଳଭୂମି କୁହାଯାଏ ।

**ତୁମପାଇଁ କାମ :**

***ଛୋଟନାଗପୁର ମାଳଭୂମି ଓ ମାଲୱା ମାଳଭୂମିର ଜଳ କେଉଁ କେଉଁ ନଦୀ ଦେଇ ପ୍ରବାହିତ ହୋଇଥାଏ, ଲେଖ ।***

**ଦାକ୍ଷିଣାତ୍ୟ ମାଳଭୂମି :** ଦାକ୍ଷିଣାତ୍ୟ ମାଳଭୂମିର ଆକାର ତ୍ରିଭୂଜପରି । ସାତପୁରା ପର୍ବତଶ୍ରେଣୀ ଏହାର ପ୍ରଶସ୍ତ ଉତ୍ତରସୀମା ନିର୍ଦ୍ଧାରଣ କରୁଥିବାବେଳେ ପଶ୍ଚିମଘାଟ ପର୍ବତମାଳା ଓ ପୂର୍ବଘାଟ ପର୍ବତମାଳା ଯଥାକ୍ରମେ ପଶ୍ଚିମ ଓ ପୂର୍ବସୀମା ନିର୍ଦ୍ଧାରଣ କରିଥାଆନ୍ତି । ଦାକ୍ଷିଣାତ୍ୟ ମାଳଭୂମି

ପଶ୍ଚିମରୁ ପୂର୍ବକୁ କ୍ରମଶଃ ଢାଲୁ । ଅମରକଣ୍ଟକ ଓ ମହୀଶୂର ମାଳଭୂମି ଦାକ୍ଷିଣାତ୍ୟ ମାଳଭୂମିର ଅଂଶ ବିଶେଷ । ଦାକ୍ଷିଣାତ୍ୟ ମାଳଭୂମିର ଏକ ବର୍ଦ୍ଧିତ ଅଂଶ ଉତ୍ତର-ପୂର୍ବ ଭାରତରେ ଦୃଷ୍ଟିଗୋଚର ହୁଏ । ମେଘାଳୟ, କର୍ବିଆଙ୍ଗ୍‌ଲଙ୍ଗ୍ ମାଳଭୂମି ଏହି ବର୍ଦ୍ଧିତ ଅଂଶର ଅଂଶବିଶେଷ । ଏହି ମାଳଭୂମି ଦୁଇଟି ଏକ ଫାଟ ଦ୍ୱାରା ଛୋଟନାଗପୁର ମାଳଭୂମିଠାରୁ ପୃଥକ୍ ହୋଇଛନ୍ତି । ମଧ୍ୟଭାଗଟି ଉତ୍ତରଭାରତର ନଦୀଦ୍ୱାରା ଆନୀତ ପଟୁମାଟି ଦ୍ୱାରା ପୋତି ହୋଇଯାଇଛି ।

ଦାକ୍ଷିଣାତ୍ୟ ମାଳଭୂମିର ଉତ୍ତର ପଶ୍ଚିମଭାଗ ଲାଭା ଉଦ୍‌ଗୀରଣ ଦ୍ୱାରା ଗଠିତ । ତେଣୁ ଏହାର ଶିଳା ଆଗ୍ନେୟ ଶିଳା । ଦୀର୍ଘଦିନଧରି ଏହି ଶିଳା ଚୂର୍ଣ୍ଣ ବିଚୂର୍ଣ୍ଣ ଓ ପରିବର୍ତ୍ତିତ ହୋଇ କୃଷ୍ଣ ମୃତ୍ତିକା ସୃଷ୍ଟି ହୋଇଛି । ଶହ ଶହ ମିଟର ବହଳର ଏହି ମୃତ୍ତିକା ଅଞ୍ଚଳକୁ **'ଡେକାନଟ୍ରାପ୍'** କୁହାଯାଏ । ଏହି ମୃତ୍ତିକାଞ୍ଚଳ ମହାରାଷ୍ଟ୍ରକୁ ସଂପୂର୍ଣ୍ଣରୂପେ ଆଚ୍ଛାଦିତ କରିଥିବା ବେଳେ ଗୁଜରାଟ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକର କିଛିଅଂଶରେ ମଧ୍ୟ ବିସ୍ତାର ଲାଭ କରିଛି ।

## ପଶ୍ଚିମଘାଟ ପର୍ବତମାଳା

ପଶ୍ଚିମଘାଟ ପର୍ବତମାଳା ପଶ୍ଚିମ ଉପକୂଳ ସହ ସମାନ୍ତରାଳ ଭାବରେ ରହିଅଛି । ପଶ୍ଚିମଘାଟର ହାରାହାରି ଉଚ୍ଚତା ଉତ୍ତରରୁ ଦକ୍ଷିଣ ଆଡ଼କୁ କ୍ରମଶଃ ବୃଦ୍ଧି ପାଇଥାଏ । ଏହି ପର୍ବତମାଳା ନିରବଚ୍ଛିନ୍ନ ଏବଂ କେତୋଟି ଗିରିପଥ ଦେଇ ଏହାକୁ ଅତିକ୍ରମ କରାଯାଇପାରେ ।

**ତୁମପାଇଁ କାମ :**

***ମାନଚିତ୍ରରୁ ଏହି ପର୍ବତରେ ଥିବା ତିନିଗୋଟି ଗିରିପଥର ନାମ ଏବଂ ସେଗୁଡ଼ିକ କେଉଁ କେଉଁ ରାଜ୍ୟରେ ଅବସ୍ଥିତ ବାହାର କର ।***

ପଶ୍ଚିମଘାଟ ପୂର୍ବଘାଟଠାରୁ ଉଚ୍ଚତାରେ ଅଧିକ । ଏହାର ଉଚ୍ଚତା ୯୦୦ ମିଟରରୁ ୧୬୦୦ ମିଟର ମଧ୍ୟରେ ହୋଇଥାଏ । ପଶ୍ଚିମଘାଟ ପର୍ବତମାଳାରେ ଅବସ୍ଥିତ ପର୍ବତଗୁଡ଼ିକ ମଧ୍ୟରେ ସହ୍ୟାଦ୍ରୀ, ନୀଳଗିରି, ଆନାମଲାଇ ଏବଂ କାଡାମମ୍ ଆଦି ମୁଖ୍ୟ । କେରଳ ରାଜ୍ୟର ଆନାମଲାଇ ପର୍ବତଶ୍ରେଣୀରେ ଅବସ୍ଥିତ ଆନ୍ନାଇମୁଡ଼ି (୨୬୯୫ମି) ଏହାର ସର୍ବୋଚ୍ଚ ଶୃଙ୍ଗ । ନୀଳଗିରି ପର୍ବତର ଦୋଦାବେଟ୍ଟା ଶୃଙ୍ଗ (୨୬୩୭ମି.) ଏହାର ଦ୍ୱିତୀୟ ଉଚ୍ଚତମ ଶୃଙ୍ଗ ଅଟେ । ନୀଳଗିରି ପର୍ବତମାଳାରେ ଅବସ୍ଥିତ ଉଦଗମଣ୍ଡଳମ୍ ବା ଉଟି ଦକ୍ଷିଣଭାରତର ପ୍ରଧାନ ପାର୍ବତୀୟ ସହର, ଶୈଳନିବାସ ଓ ଏକ ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର ଅଟେ । ତାମିଲନାଡୁର କୋଡ଼ାଇକେନାଲ, ମହାରାଷ୍ଟ୍ରର ମହାବଳେଶ୍ୱର ଏବଂ ମଧ୍ୟପ୍ରଦେଶର ପଞ୍ଚମାରୀ ମଧ୍ୟ ଦାକ୍ଷିଣାତ୍ୟ ମାଳଭୂମିର ଅନ୍ୟ ତିନୋଟି ଶୈଳନିବାସ ଅଟନ୍ତି ।

## ପୂର୍ବଘାଟ ପର୍ବତମାଳା :

ପୂର୍ବଘାଟ ପର୍ବତମାଳା ନିରବଚ୍ଛିନ୍ନ ନୁହେଁ ଏବଂ ପଶ୍ଚିମଘାଟ ତୁଳନାରେ କମ୍ ଉଚ୍ଚତା ବିଶିଷ୍ଟ ଅଟେ । ଏହାର ହାରାହାରି ଉଚ୍ଚତା ମାତ୍ର ୬୦୦ ମିଟର । ବଙ୍ଗୋପସାଗରରେ ପଡ଼ିଥିବା ନଦୀମାନଙ୍କ ଦ୍ୱାରା ଏହା ବିଖଣ୍ଡିତ ହୋଇଅଛି । ପୂର୍ବଘାଟ ପର୍ବତମାଳା ପୂର୍ବରେ ମହାନଦୀ ଉପତ୍ୟକାଠାରୁ ଦକ୍ଷିଣରେ ନୀଳଗିରି ପର୍ବତମାଳା ପର୍ଯ୍ୟନ୍ତ ପ୍ରାୟ ୧୧୦୦ କି.ମି. ବିସ୍ତୃତ । ଓଡ଼ିଶାର ଦେଓମାଳୀ (୧୬୭୦ମିଟର) ପୂର୍ବଘାଟ ପର୍ବତମାଳାର ଉଚ୍ଚତମ ଶୃଙ୍ଗ ।

ଆରାବଳୀ ପର୍ବତଶ୍ରେଣୀ ଉପଦ୍ୱୀପୀୟ ମାଳଭୂମିର ପଶ୍ଚିମ ଓ ଉତ୍ତରପଶ୍ଚିମ ସୀମାରେ ଅବସ୍ଥିତ । ଏହି ପର୍ବତଶ୍ରେଣୀଟି ପୁରାତନ ଏବଂ କ୍ଷୟପ୍ରାପ୍ତ ହୋଇଥିବାରୁ ଅଳ୍ପ ଉଚ୍ଚତା ବିଶିଷ୍ଟ ଅଟେ । ଏହା ଗୁଜରାଟଠାରୁ ଦିଲ୍ଲୀ ପର୍ଯ୍ୟନ୍ତ (ଦକ୍ଷିଣପଶ୍ଚିମରୁ ଉତ୍ତରପୂର୍ବ) ବିସ୍ତୃତି ଲାଭ କରିଛି । ମାଉଣ୍ଟଆବୁ ଏହି ପର୍ବତଶ୍ରେଣୀରେ ଅବସ୍ଥିତ ଏକ ଶୈଳନିବାସ ଅଟେ ।

## (ଘ) ଭାରତୀୟ ବିଶାଳ ମରୁଭୂମି ଅଞ୍ଚଳ :

ଆରାବଳୀ ପର୍ବତଶ୍ରେଣୀର ପଶ୍ଚିମସୀମାକୁ ଲାଗି ରାଜସ୍ଥାନରେ ଭାରତର ବିଶାଳ ମରୁଭୂମି ଅଞ୍ଚଳ ବା ଥର ମରୁଭୂମି ଅବସ୍ଥିତ । ଏହି ମରୁଭୂମି ଏକ ସ୍ୱଳ୍ପ ଉଚ୍ଚାବଚ ବିଶିଷ୍ଟ ତରଙ୍ଗାୟିତ ବାଲୁକାପୂର୍ଣ୍ଣ ଅଞ୍ଚଳ ଓ ଏଠାରେ ଅନେକ ବାଲୁକାସ୍ତୂପ (Sand dune) ଦେଖାଯାଏ । ଏହା ସ୍ଥାନେ ସ୍ଥାନେ ପଥୁରିଆ ମଧ୍ୟ ।

ଏହି ମରୁଭୂମି ପାକିସ୍ତାନର ସିନ୍ଧୁପ୍ରଦେଶର ଅନେକ ଭିତରକୁ ବିସ୍ତୃତି ଲାଭ କରିଛି । ଏଠାରେ ବାର୍ଷିକ ହାରାହାରି ବୃଷ୍ଟିପାତ ୧୫୦ ମି.ମି.ରୁ ମଧ୍ୟ କମ୍ ହୋଇଥାଏ । ତେଣୁ ଜଳବାୟୁ ଶୁଷ୍କ ଏବଂ ଏଠାରେ କଣ୍ଟାଳିଆ ବୁଦାଜାତୀୟ ଉଦ୍ଭିଦ ଦେଖାଯାଏ । ବର୍ଷାଋତୁରେ କେତେକ ନଦୀ ବାହାରି ଜଳ ଅଭାବରୁ ବାଲୁକାପୂର୍ଣ୍ଣ ପ୍ରାନ୍ତରରେ ଲୀନ ହୋଇଯାଆନ୍ତି । ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚି ପାରନ୍ତି ନାହିଁ ।

**ତୁମେ ଜାଣିଛ କି ?**

***ଯେଉଁ ନଦୀ ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚି ନପାରି ମଝିରେ କୌଣସି ହ୍ରଦରେ ପଡ଼ିଥାଆନ୍ତି ବା ସ୍ଥଳଭାଗରେ ହିଁ ବିଲୀନ ହୋଇଯାଆନ୍ତି ସେପରି ନଦୀକୁ ଅନ୍ତଃସ୍ଥଳୀୟ ନଦୀ (Inland river) କୁହାଯାଏ ।***

**ତୁମେ ଜାଣିଛ କି ?**

***ବାଳଚନ୍ଦ୍ର ଆକାରର ବାଲୁକାସ୍ତୂପକୁ ବରଖାନ କୁହାଯାଏ ।***

## (ଙ) ଉପକୂଳବର୍ତ୍ତୀ ସମତଳ ଭୂମି :

ଦାକ୍ଷିଣାତ୍ୟ ମାଳଭୂମିର ପଶ୍ଚିମରେ ଆରବସାଗର ତଟରେ ଏବଂ ପୂର୍ବରେ ବଙ୍ଗୋପସାଗରର ତଟବର୍ତ୍ତୀ ଅଞ୍ଚଳରେ ଉପକୂଳବର୍ତ୍ତୀ ସମତଳଭୂମି ଦେଖାଯାଏ ।

### ପଶ୍ଚିମ ଉପକୂଳ ସମତଳ ଭୂମି :

ପଶ୍ଚିମଘାଟ ପର୍ବତମାଳାର ପଶ୍ଚିମପାର୍ଶ୍ୱରୁ ବାହାରିଥିବା ନାତିଦୀର୍ଘ ଓ ଦ୍ରୁତଗାମୀ ନଦୀଗୁଡ଼ିକ ଦ୍ୱାରା ଆନୀତ ପଟୁମାଟିର ପରିମାଣ କମ୍ ହେଉଥିବାରୁ କିଛି ସମୁଦ୍ରକୁ ବହିଯାଏ ଓ କିଛି ଉପକୂଳରେ ସଞ୍ଚିତ ହୋଇଯାଏ । ଫଳତଃ ପଶ୍ଚିମ ଉପକୂଳସ୍ଥ ସମତଳ ଭୂମି ସଂକୀର୍ଣ୍ଣ, ଅପ୍ରଶସ୍ତ ଓ ସାମାନ୍ୟ ଅସମାନ ଅଟେ । ଏହି ଉପକୂଳ ତିନିଭାଗରେ ବିଭକ୍ତ । ଉତ୍ତର ଅଂଶଟିକୁ କଙ୍କଣ (ମୁମ୍ବାଇ-ଗୋଆ) ମଧ୍ୟଭାଗକୁ କନ୍ନଡ଼ ଓ ଦକ୍ଷିଣ ଅଂଶଟିକୁ ମାଲାବାର (ମାଙ୍ଗାଲୋର-କନ୍ୟାକୁମାରୀ) ଉପକୂଳ କୁହାଯାଏ । ଉତ୍ତରରେ ଉପକୂଳବର୍ତ୍ତୀ ସମତଳ ଭୂମି ପ୍ରଶସ୍ତ ଏବଂ ଗୁଜରାଟ ଉପକୂଳ ଏହାର ଅନ୍ତର୍ଗତ । ପଶ୍ଚିମସ୍ଥ ସମତଳଭୂମି ନର୍ମଦା ଓ ତାପ୍ତି ନଦୀ ଦ୍ୱାରା ସାମାନ୍ୟ ବିଖଣ୍ଡିତ । କେରଳ ଉପକୂଳରେ ଅନେକଗୁଡ଼ିଏ ଉପହ୍ରଦ (Lagoon) ଦେଖାଯାଏ ।

**ତୁମେ ଜାଣିଛ କି ?**

***ବାଲିବନ୍ଧ ବା ଏକ ସଂକୀର୍ଣ୍ଣ ସ୍ଥଳଭାଗଦ୍ୱାରା ଅଲଗା ହୋଇ ରହିଥିବା ଏକ ଅଗଭୀର ଲୁଣିପାଣିଭରା ଜଳରାଶିକୁ ଉପହ୍ରଦ କୁହାଯାଏ । ଉଦାହରଣ ସ୍ୱରୂପ : ଚିଲିକା ଏକ ଉପହ୍ରଦ ଅଟେ ।***

### ପୂର୍ବ ଉପକୂଳ ସମତଳ ଭୂମି :

ଏହି ଉପକୂଳ ପ୍ରଶସ୍ତ ଓ ଅପେକ୍ଷାକୃତ ସମପ୍ରାୟ । ଏହାର ଉତ୍ତରାଂଶକୁ ଉତ୍ତରସରକାର (Northern Circar) ଓ ଦକ୍ଷିଣଭାଗକୁ (ଚେନ୍ନାଇର ଦକ୍ଷିଣକୁ) କରମଣ୍ଡଳ ଉପକୂଳ କୁହାଯାଏ । ଉତ୍ତରରେ ଏହା ଗଙ୍ଗା ଓ ବ୍ରହ୍ମପୁତ୍ର ସମତଳ ଭୂମି ସହ ସଂଲଗ୍ନ । ସୁବର୍ଣ୍ଣରେଖା ମୁହାଣରୁ ବିଶାଖାପାଟଣା ପର୍ଯ୍ୟନ୍ତ ଉପକୂଳକୁ ଓଡ଼ିଶା ଉପକୂଳ ଓ ବିଶାଖାପାଟଣା ଠାରୁ ଚେନ୍ନାଇ ପର୍ଯ୍ୟନ୍ତ ଉପକୂଳକୁ ଆନ୍ଧ୍ରଉପକୂଳ ମଧ୍ୟ କୁହାଯାଏ । ମହାନଦୀ, ଗୋଦାବରୀ, କୃଷ୍ଣା ଏବଂ କାବେରୀ ନଦୀ ବହିଆଣୁଥିବା ପଟୁମାଟିକୁ ଜମାକରି ବିଶାଳ ତ୍ରିକୋଣଭୂମିମାନ ସୃଷ୍ଟି କରିଛନ୍ତି ।

**ତୁମେ ଜାଣିଛ କି ?**

***ନଦୀର ମୁହାଣ ନିକଟବର୍ତ୍ତୀ ଅଞ୍ଚଳରେ ଗୋଟିଏ ତ୍ରିଭୁଜାକାର ସମତଳ ଭୂମିକୁ ତ୍ରିକୋଣଭୂମି କୁହାଯାଏ । ଏହାନଦୀର ଧିରମନ୍ଥରଗତି ଓ ଅବକ୍ଷେପଣ ଦ୍ୱାରା ସୃଷ୍ଟି ହୋଇଥାଏ ।***

## (ଚ) ଦ୍ୱୀପପୁଞ୍ଜ :

ମାଲାବାର ଉପକୂଳର ପଶ୍ଚିମକୁ ଆରବସାଗରରେ କେତେଗୁଡ଼ିଏ ଛୋଟ ବଡ଼ ଦ୍ୱୀପପୁଞ୍ଜ ରହିଛି । ଏଗୁଡ଼ିକ ପ୍ରବାଳକୀଟମାନଙ୍କର ନଷ୍ଟାବଶେଷ ଦ୍ୱାରା ଗଠିତ । ଏ ସମସ୍ତ ଦ୍ୱୀପପୁଞ୍ଜ ଲାକ୍ଷାଦ୍ୱୀପ ନାମରେ ନାମିତ । ଏଗୁଡ଼ିକୁ ଲାକ୍ଷାଡିଭ, ମିନିକଏ ଏବଂ ଆମିନ୍‌ଡିଭ୍ କୁହାଯାଉଥିଲା । ୧୯୭୩ ମସିହାଠାରୁ ସେଗୁଡ଼ିକ ସମୂହ ଭାବରେ ଲାକ୍ଷାଦ୍ୱୀପ କୁହାଯାଉଅଛି । ଏହାର କ୍ଷେତ୍ରଫଳ ମାତ୍ର ୩୨ ବର୍ଗ କି.ମି. । କାଭାର୍ତ୍ତି ଏହାର ରାଜଧାନୀ । ଲାକ୍ଷାଦ୍ୱୀପର ଉଦ୍ଭିଦ ଓ ପ୍ରାଣୀଜଗତ ବିଭିଦତାରେ ପରିପୂର୍ଣ୍ଣ । ଏହାର ଅନେକ ଦ୍ୱୀପ ଜନମାନବଶୂନ୍ୟ । ସେହିଭଳି ଏକ ଜନବସତି

ନଥିବା ପିତଲି ଦ୍ୱୀପରେ ଏକ ପକ୍ଷୀବିହାର ସ୍ଥାପନ କରାଯାଉଛି ।

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ବଙ୍ଗୋପସାଗରରେ ଉତ୍ତର-ଦକ୍ଷିଣ ଭାବେ ବିସ୍ତୃତ । ଏହି ଦ୍ୱୀପପୁଞ୍ଜଅନ୍ତର୍ଗତ ଦ୍ୱୀପଗୁଡ଼ିକ ଆକାରରେ ବଡ଼ ଏବଂ ଏମାନଙ୍କର ସଂଖ୍ୟା ମଧ୍ୟ ଅଧିକ । ଏହି ଦ୍ୱୀପପୁଞ୍ଜରେ ପ୍ରାୟ ୫୫୦ଟି ଦ୍ୱୀପ ଅଛି । ମାତ୍ର ସେଗୁଡ଼ିକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଏ- ଉତ୍ତରରେ ଆଣ୍ଡାମାନ ଓ ଦକ୍ଷିଣରେ ନିକୋବର । ଏସବୁ ଦ୍ୱୀପପୁଞ୍ଜଗୁଡ଼ିକ ପ୍ରକୃତ ପକ୍ଷେ ସମୁଦ୍ରରେ ନିମଜ୍ଜିତ ଆଗ୍ନେୟ ପର୍ବତ ଶିଖରଗୁଡ଼ିକର ଅଗ୍ରଭାଗ । ସାମରିକ ଦୃଷ୍ଟିକୋଣରୁ ଉକ୍ତ ଦ୍ୱୀପପୁଞ୍ଜ ଦେଶପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର ଉଦ୍ଭିଦ ଓ ପ୍ରାଣୀଜଗତ ମଧ୍ୟ ବିଭିଦତାଭରା । ବିଷୁବବୃତ୍ତର ନିକଟବର୍ତ୍ତୀ ହୋଇଥିବାରୁ ଏଠାକାର ଜଳବାୟୁ ନିରକ୍ଷୀୟ ଏବଂ ଦ୍ୱୀପଗୁଡ଼ିକ ଘଞ୍ଚ ଅରଣ୍ୟପୂର୍ଣ୍ଣ ।

**ତୁମେ ଜାଣିଛ କି ?**

***ଭାରତର ଏକମାତ୍ର ସକ୍ରିୟ ଆଗ୍ନେୟଗିରି (ଜ୍ୱାଳାମୁଖୀ) ବ୍ୟାରେନ ଦ୍ୱୀପ (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ)ରେ ଅବସ୍ଥିତ ।***

**ତୁମ ପାଇଁ କାମ-**

***ସକ୍ରିୟ ଜ୍ୱାଳାମୁଖୀ କାହାକୁ କୁହାଯାଏ ଜାଣ ।***

ଭାରତର ଉପରୋକ୍ତ ଭୌତିକ ବିଭାଜନରୁ ଏହା ସ୍ପଷ୍ଟ ହେଉଛି ଯେ ପ୍ରତ୍ୟେକ ଅଞ୍ଚଳ ଅନ୍ୟଠାରୁ ଭିନ୍ନ ଏବଂ ସେଗୁଡ଼ିକମଧ୍ୟରେ ସାମଞ୍ଜସ୍ୟ ମଧ୍ୟ ଅଛି । ଉପଦ୍ୱୀପୀୟ ମାଳଭୂମି ସବୁଠାରୁ ପ୍ରାଚୀନତମ ମାତ୍ର ହିମାଳୟ ପର୍ବତର ଉତ୍ପତ୍ତିରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହିମାଳୟର ଶିଳା ସହ ମାଳଭୂମିର ଶିଳାରେ ସାମଞ୍ଜସ୍ୟ ଦେଖାଯାଏ । ହିମାଳୟ ପର୍ବତଶ୍ରେଣୀ ଏବଂ ମାଳଭୂମିରୁ ଆନୀତ ପଟୁମାଟି ଦ୍ୱାରା ଉତ୍ତରସ୍ଥ ସମତଳ ଭୂମିର ସୃଷ୍ଟି । ତେଣୁ ପ୍ରତ୍ୟେକ ବିଭାଜନ ଅନ୍ୟଟିର ପରିପୂରକ ଓ ଭାରତର ପ୍ରାକୃତିକ ସମ୍ବଳକୁ ସମୃଦ୍ଧ କରୁଛନ୍ତି । ହିମାଳୟ ପର୍ବତ ଅରଣ୍ୟ ଓ ଜଳସଂପଦରେ ପରିପୂର୍ଣ୍ଣ । ସମତଳଭୂମିଗୁଡ଼ିକ ଭାରତର ଶସ୍ୟାଗାର । ସେଠାରେ ହିଁ ପ୍ରଥମେ ମାନବ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । ମାଳଭୂମିଗୁଡ଼ିକ ଖଣିଜସଂପଦରେ ଭରା ଯଦ୍ଦ୍ୱାରା ଭାରତର ଶିଳ୍ପାୟନ କ୍ଷେତ୍ରରେ ସେଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଦ୍ୱୀପପୁଞ୍ଜଗୁଡ଼ିକ ବନ୍ଦର ନିର୍ମାଣ ଏବଂ ମତ୍ସ୍ୟଉତ୍ପାଦନ କରିବାପାଇଁ ପ୍ରକୃଷ୍ଟ ପୃଷ୍ଠଭୂମି ଯୋଗାଇଥାନ୍ତି । ତେଣୁ ଏଭଳି ଭିନ୍ନ ଭିନ୍ନ ଅଞ୍ଚଳ ଥିବାରୁ ଦେଶର ଭବିଷ୍ୟତ ଯେ ଉଜ୍ଜ୍ୱଳ ଓ ସମ୍ଭାବନାପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ ।

## ଓଡ଼ିଶା

### ଅବସ୍ଥିତି ଓ କ୍ଷେତ୍ରଫଳ :

ଓଡ଼ିଶା ଭାରତର ପୂର୍ବ ଉପକୂଳସ୍ଥ ଏକ ରାଜ୍ୟ । ଏହି ରାଜ୍ୟ ୧୭°୪୯' ରୁ ୨୨°୩୪' ଉତ୍ତର ସମାକ୍ଷରେଖା ମଧ୍ୟରେ ଓ ୮୧°୨୩' ରୁ ୮୭°୨୯' ପୂର୍ବ ଦ୍ରାଘିମାରେଖା ମଧ୍ୟରେ ଅବସ୍ଥିତ । ପୂର୍ବରେ ବଙ୍ଗୋପସାଗର, ଉତ୍ତରପୂର୍ବରେ ପଶ୍ଚିମବଙ୍ଗ, ଉତ୍ତରରେ ଝାଡ଼ଖଣ୍ଡ, ପଶ୍ଚିମରେ ଛତିଶଗଡ଼ ଏବଂ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ଏହାର ସୀମାନିର୍ଦ୍ଧାରଣ କରୁଛନ୍ତି । ଏହାର କ୍ଷେତ୍ରଫଳ ୧୫୫୭୦୭ ବର୍ଗ କି.ମି. ।

### ପ୍ରଶାସନିକ ବିଭାଗ :

ଓଡ଼ିଶାକୁ ୩୦ଟି ଜିଲ୍ଲାରେ ବିଭକ୍ତ କରାଯାଇଛି । ଜିଲ୍ଲାଗୁଡ଼ିକୁ ୫୮ଟି ସବଡିଭିଜନରେ ଏବଂ ପ୍ରତ୍ୟେକ ସବଡିଭିଜନକୁ ୧୭୧ଟି ତହସିଲରେ ଏବଂ ଏହି ତହସିଲଗୁଡ଼ିକୁ ୩୧୪ଟି ବ୍ଲକ ଓ ପ୍ରତ୍ୟେକ ବ୍ଲକକୁ ୬୨୩୪ଟି ଗ୍ରାମପଞ୍ଚାୟତରେ ବିଭକ୍ତ କରାଯାଇଛି । ଭୁବନେଶ୍ୱର ଓଡ଼ିଶାର ରାଜଧାନୀ । ସମସ୍ତ ପ୍ରଶାସନିକ ମୁଖ୍ୟ କାର୍ଯ୍ୟାଳୟ ସେଠାରେ ଅବସ୍ଥିତ । ନିମ୍ନରେ ଆମ ରାଜ୍ୟର ଜିଲ୍ଲା ଓ ସେଗୁଡ଼ିକର ସଦର ମହକୁମାର ଏକ ତାଲିକା ଦିଆଗଲା ।

**ତୁମପାଇଁ କାମ :**

***ମାନଚିତ୍ର ଦେଖି ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***



PB-03/15/11/2016

| | କିଲ୍ଲା | ସଦରମହକୁମା |
|---|---|---|
| ୧. | ଅନୁଗୁଳ | ଅନୁଗୁଳ |
| ୨. | କଳାହାଣ୍ଡି | ଭବାନୀପାଟଣା |
| ୩. | କନ୍ଧମାଳ | ଫୁଲବାଣୀ |
| ୪. | କଟକ | କଟକ |
| ୫. | କେନ୍ଦୁଝର | କେନ୍ଦୁଝର |
| ୬. | କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା |
| ୭. | କୋରାପୁଟ | କୋରାପୁଟ |
| ୮. | ଖୋର୍ଦ୍ଧା | ଖୋର୍ଦ୍ଧା |
| ୯. | ଗଜପତି | ପାରଳାଖେମୁଣ୍ଡି |
| ୧୦. | ଗଞ୍ଜାମ | ଛତ୍ରପୁର |
| ୧୧. | ଜଗତସିଂହପୁର | ଜଗତସିଂହପୁର |
| ୧୨. | ଝାରସୁଗୁଡ଼ା | ଝାରସୁଗୁଡ଼ା |
| ୧୩. | ଢେଙ୍କାନାଳ | ଢେଙ୍କାନାଳ |
| ୧୪. | ଦେବଗଡ଼ | ଦେବଗଡ଼ |
| ୧୫. | ନବରଙ୍ଗପୁର | ନବରଙ୍ଗପୁର |
| ୧୬. | ନୟାଗଡ଼ | ନୟାଗଡ଼ |
| ୧୭. | ନୂଆପଡ଼ା | ନୂଆପଡ଼ା |
| ୧୮. | ପୁରୀ | ପୁରୀ |
| ୧୯. | ବାଲେଶ୍ୱର | ବାଲେଶ୍ୱର |
| ୨୦. | ବୌଦ୍ଧ | ବୌଦ୍ଧ |
| ୨୧. | ବଲାଙ୍ଗିର | ବଲାଙ୍ଗିର |
| ୨୨. | ବରଗଡ଼ | ବରଗଡ଼ |
| ୨୩. | ଭଦ୍ରକ | ଭଦ୍ରକ |
| ୨୪. | ମାଲକାନଗିରି | ମାଲକାନଗିରି |
| ୨୫. | ମୟୂରଭଞ୍ଜ | ବାରିପଦା |
| ୨୬. | ଯାଜପୁର | ଯାଜପୁର |
| ୨୭. | ରାୟଗଡ଼ା | ରାୟଗଡ଼ା |
| ୨୮. | ସମ୍ବଲପୁର | ସମ୍ବଲପୁର |
| ୨୯. | ସୁବର୍ଣ୍ଣପୁର | ସୁବର୍ଣ୍ଣପୁର |
| ୩୦. | ସୁନ୍ଦରଗଡ଼ | ସୁନ୍ଦରଗଡ଼ |


## ଭୂପ୍ରକୃତି :

ଭୂପ୍ରକୃତି ଅନୁସାରେ ଓଡ଼ିଶାକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଏ । ଯଥା : (୧) ମଧ୍ୟ ପାର୍ବତ୍ୟଅଞ୍ଚଳ, (୨) ପଶ୍ଚିମସ୍ଥ ମାଳଅଞ୍ଚଳ, (୩) ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ।

**(୧) ମଧ୍ୟପାର୍ବତ୍ୟଅଞ୍ଚଳ :** ଓଡ଼ିଶାର ମଧ୍ୟଭାଗରେ ଉତ୍ତର-ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପର୍ବତଶ୍ରେଣୀଠାରୁ ଦକ୍ଷିଣପଶ୍ଚିମରେ ମାଲକାନଗିରି ଜିଲ୍ଲା ପର୍ଯ୍ୟନ୍ତ ବିସ୍ତୃତ । ଅନେକ ଗୁଡ଼ିଏ ପର୍ବତମାଳାର ସମଷ୍ଟିରୁ ଏହି ଅଞ୍ଚଳ ଗଠିତ । ଏହା ପୂର୍ବଘାଟ ପର୍ବତମାଳାର ଏକ ଅଂଶବିଶେଷ । ବ୍ରାହ୍ମଣୀ ଓ ମହାନଦୀ ଦ୍ୱାରା ବିଖଣ୍ଡିତ ହୋଇଥିବାରୁ ଏହା ଅବିଚ୍ଛିନ୍ନ ନୁହେଁ । ଏହାର ହାରାହାରି ଉଚ୍ଚତା ପ୍ରାୟ ୯୦୦ ମିଟର । ଓଡ଼ିଶାର (ପୂର୍ବଘାଟର) ଉଚ୍ଚତମ ଶୃଙ୍ଗ କୋରାପୁଟ ଜିଲ୍ଲାର ଦେଓମାଳୀ (୧୬୭୦ମି.) ଏହି ଅଞ୍ଚଳରେ ଅବସ୍ଥିତ । ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ବୌଦ୍ଧ, ନୟାଗଡ଼, କଟକ, କଳାହାଣ୍ଡି, କୋରାପୁଟ ଓ ମାଲକାନାଗିରି ଆଦି ଜିଲ୍ଲା ଏହି ଅଞ୍ଚଳର ଅଂଶ ବିଶେଷ ।

**(୨) ପଶ୍ଚିମସ୍ଥ ମାଳଅଞ୍ଚଳ :** ମଧ୍ୟପାର୍ବତ୍ୟାଞ୍ଚଳର ପଶ୍ଚିମକୁ ଏହି ଅଞ୍ଚଳ ଅବସ୍ଥିତ । ଏହାର ହାରାହାରି ଉଚ୍ଚତା ସମୁଦ୍ରପତ୍ତନରୁ ୧୫୦ ମିଟରରୁ ୩୦୦ମିଟର । ଏହି ମାଳଅଞ୍ଚଳ ଉତ୍ତର-ପୂର୍ବରୁ ଦକ୍ଷିଣ ଆଡ଼କୁ କ୍ରମଶଃ ଢାଲୁ । ମହାନଦୀର ବାମ ପଟେ ସୁନ୍ଦରଗଡ଼, ଝାରସୁଗଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଦକ୍ଷିଣ ତୀରରେ ବଲାଙ୍ଗିର, ସୁବର୍ଣ୍ଣପୁରଠାରୁ ମାଲକାନଗିରି ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ଏହି ଅଞ୍ଚଳଟି ପରିବ୍ୟାପ୍ତ । ତେଲ୍ ଇନ୍ଦ୍ରାବତୀ, ଋଷିକୁଲ୍ୟା ଓ ବଂଶଧାରା ନଦୀର ଅବବାହିକା ଏହି ଅଞ୍ଚଳରେ ଅବସ୍ଥିତ ।

**(୩) ଉପକୂଳବର୍ତ୍ତୀ ସମତଳଅଞ୍ଚଳ :** ବଙ୍ଗୋପସାଗର ଓ ପୂର୍ବଘାଟ ପର୍ବତମାଳାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ । ଏହା ଉତ୍ତରରେ ସୁବର୍ଣ୍ଣରେଖା ନଦୀଠାରୁ ଦକ୍ଷିଣରେ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ବିସ୍ତୃତ । ଏହି ଅଞ୍ଚଳଟି ଉତ୍ତର ଓ ଦକ୍ଷିଣଭାଗରେ ସଂକୀର୍ଣ୍ଣ ମାତ୍ର ମଧ୍ୟଭାଗରେ ପ୍ରଶସ୍ତ । ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବ୍ରାହ୍ମଣୀ,




ମାନଚିତ୍ର : 1:7

**ବୈତରଣୀ, ମହାନଦୀ, ଋଷିକୁଲ୍ୟା ଆଦି ନଦୀ ଦ୍ୱାରା ଆନୀତ ପଟୁମାଟି ଦ୍ୱାରା ଏହି ସମତଳ ଅଞ୍ଚଳ ଗଠିତ । ତେଣୁ ଏହା ଉର୍ବର, ଶସ୍ୟଶ୍ୟାମଳା ଏବଂ ଜନାକୀର୍ଣ୍ଣ । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଏହି ସମତଳ ଭୂମିର ଅନ୍ତର୍ଗତ ।**

## ପ୍ରଶ୍ନାବଳୀ

**୧. ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍‌ଟିକୁ ବାଛ ।**

**(i) ଯେଉଁ ସ୍ଥଳଭାଗର ତିନିପଟରେ ସମୁଦ୍ର ଘେରିରହିଥାଏ ତାହାକୁ କ'ଣ କୁହଯାଏ ?**

(କ) ଉପକୂଳ (ଖ) ଦ୍ୱୀପ (ଗ) ଉପଦ୍ୱୀପ (ଘ) ମାଳଭୂମି

**(ii) ଗୋଆ ଉପକୂଳକୁ ଲାଗି ଦକ୍ଷିଣରେ ଅବସ୍ଥିତ ସଂକୀର୍ଣ୍ଣ ଉପକୂଳକୁ କ'ଣ କୁହଯାଏ ?**

(କ) କରମଣ୍ଡଳ (ଖ) କନ୍ନଡ଼ (ଗ) ଉତ୍ତର ସରକାର (ଘ) କଙ୍କଣ

(iii) ପୂର୍ବଘାଟ ପର୍ବତମାଳାର ସର୍ବୋଚ୍ଚ ଶୃଙ୍ଗ କେଉଁଟି ?

(କ) ଆନ୍ନାଇମୁଡ଼ି (ଖ) କାଞ୍ଚନଜଙ୍ଘା (ଗ) ଖାସି (ଘ) ଦେଓମାଳୀ

(iv) ଭାରତର ପୂର୍ବ ସୀମା ନିର୍ଦ୍ଧାରଣ କରୁଥିବା ପର୍ବତଗୁଡ଼ିକୁ କ'ଣ କୁହାଯାଏ ?

(କ) ହିମାଚଳ (ଖ) ପୂର୍ବାଚଳ (ଗ) ଅରୁଣାଚଳ (ଘ) ଉତ୍ତରାଞ୍ଚଳ

(v) $K_2$ (ଗଡ଼ଉଇନ ଅଷ୍ଟିନ୍) ଶୃଙ୍ଗ କେଉଁ-ପର୍ବତଶ୍ରେଣୀରେ ଅବସ୍ଥିତ ?

(କ) ହିମାଳୟ (ଖ) କାରାକୋରମ (ଗ) ବିନ୍ଧ୍ୟ (ଘ) ସାତପୁରା

୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।

(i) ଟେକ୍‌ଟୋନିକ ପ୍ଲେଟ୍ କ'ଣ ?

(ii) ବର୍ତ୍ତମାନର କେଉଁ ମହାଦେଶ ଗୁଡ଼ିକ ଗଣ୍ଡୱାନାଲ୍ୟାଣ୍ଡର ଅଂଶ ଥିଲେ ?

(iii) ସିୱାଲିକ୍ କହିଲେ କ'ଣ ବୁଝାଏ ?

(iv) ଉତ୍ତରରୁ ଦକ୍ଷିଣକୁ ହିମାଳୟର ମୁଖ୍ୟ ବିଭାଜନ ଗୁଡ଼ିକର ନାମ ଲେଖ ।

(v) ଆରାବଳୀ ଓ ବିନ୍ଧ୍ୟପର୍ବତଶ୍ରେଣୀ ମଧ୍ୟରେ କେଉଁ ମାଳଭୂମି ଅବସ୍ଥିତ ?

(vi) ଭାରତର କେଉଁ ଦ୍ୱୀପପୁଞ୍ଜ ପ୍ରବାଳକୀଟଗୁଡ଼ିକର ଅବଶିଷ୍ଟାଂଶରୁ ସୃଷ୍ଟ ?

(vii) ଭାରତର ପୁରାତନ ଓ ନବୀନ ପର୍ବତମାଳାର ଗୋଟିଏ ଲେଖାଁଏ ଉଦାହରଣ ଦିଅ ।

୩. ପାର୍ଥକ୍ୟ ଦର୍ଶାଅ :

(i) ବିପରୀତମୁଖୀ ଓ ପରସ୍ପରମୁଖୀ ପ୍ଲେଟ

(ii) ପୂର୍ବଘାଟ ପର୍ବତମାଳା ଓ ପଶ୍ଚିମଘାଟ ପର୍ବତମାଳା

(iii) ତ୍ରିକୋଣଭୂମି ଏବଂ ପ୍ଲାବନଭୂମି

୪. ଭାରତର ମୁଖ୍ୟ ଭୂ-ବିଭାଜନଗୁଡ଼ିକର ନାମ ଲେଖ ଏବଂ ଯେକୌଣସି ଗୋଟିଏର ବିଶେଷତ୍ୱ ଓ ଦେଶପାଇଁ ତା'ର ମହତ୍ୱ ସମ୍ବନ୍ଧରେ ଆଲୋଚନା କର ।

୫. ହିମାଳୟ କିପରି ସୃଷ୍ଟି ହେଲା ସେ ସମ୍ବନ୍ଧରେ ଆଲୋଚନା କର ।

୬. ନିମ୍ନଲିଖିତଗୁଡ଼ିକର ସଂକ୍ଷିପ୍ତ ବର୍ଣ୍ଣନା କର ।

(i) ଭାରତର ବିଶାଳ ମରୁଭୂମି

(ii) ଭାରତର ଦ୍ୱୀପପୁଞ୍ଜ

(iii) ପୂର୍ବାଚଳ

(iv) ଅଂଶୁପା ହ୍ରଦ

(v) ସିୱାଲିକ୍

(vi) ମହାଦେଶୀୟ ସଂଚଳନବାଦ

୭. ଉତ୍ତର ଭାରତ ସମତଳ ଭୂମି ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

## ମାନଚିତ୍ର କାର୍ଯ୍ୟ :

**ଭାରତର ଏକ ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଦର୍ଶାଅ ।**

(i) ପର୍ବତମାଳା- କାରାକୋରମ, ଜାସ୍କାର, ପାତକୋଇବମ୍, ଜୟନ୍ତିଆ, ବିନ୍ଧ୍ୟ ଓ ଆରାବଳୀ ପର୍ବତମାଳା, କାଡାମମ୍ ପର୍ବତଶ୍ରେଣୀ ।

(ii) ଶୃଙ୍ଗ- $K_2$, ନଙ୍ଗାପର୍ବତ, ଆନ୍ନାଇମୁଡ଼ି

(iii) ମାଳଭୂମି- ଛୋଟନାଗପୁର, ମାଲୱା

(iv) ଭାରତର ମରୁଭୂମି, ପଶ୍ଚିମଘାଟ, ଲାକ୍ଷାଦ୍ୱୀପ

•••